# Akashvani, Sambalpur

## SAMBALPURI NEWS MORNING BULLETIN

## 8 June 2026 - 6.47- 6.52 am.

---

ଶିକ୍ଷାବର୍ଷ ସମୟ ସାରଣୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜାତୀୟ ଶିକ୍ଷାନୀତି -୨୦୨୦ କେ ବିଦ୍ୟାଳୟ ସ୍ତର୍ ନ ଲାଗୁ କରାଯାଇଛେ ଆଉ ଇତାର୍ ଅନ୍‌ସାରେ ପାଠ୍ୟକ୍ରମ୍‌ର ରୂପରେଖ୍‌କେ ଭିଲ୍ ବଦ୍‌ଲାଯାଇଛେ । ଗୁଟେ ଶିକ୍ଷା ବଛର୍ ନ ୨ ଶହ ୩୦ ଦିନ୍ ସ୍କୁଲ୍ ଖୁଲାଯିବା । ସେନୁ ୨୦ ଦିନ୍ ଭିନ୍ ଭିନ୍ ଗଠନ୍‌ମୂଲକ୍ ମାନ ନିର୍ଦ୍ଧାରଣ, ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ୍ ବାଗିର୍ ଅଲ୍‌ଗା କାମ୍‌କେ ଦିଆଯିବା । ଇତାର୍ ସହେତେ ବଛର୍‌କ ୧୦ ଦିନ୍ ଛାତ୍ରଛାତ୍ରୀମାନେ ବିନା ବେଗ୍‌ଥି ସ୍କୁଲ୍‌କେ ଯିବେ । ଇ ସବୁକେ ବାଦ୍ ଦେବାର୍ ଉତ୍‌ରୁ ଗୁଟେ ଶିକ୍ଷା ବଛ୍‌ରେ ଶହେ ୯୦ ଦିନ୍ ପାଠ୍‌ପଢ଼ାଯିବା । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ତିଆର୍ ହେଇଥିବା ଇ ନୂଆଁ ସମୟ ସାରଣୀ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଜରିଏ ଜନେଇ ଦିଆଯାଇଛେ ।

ପିଏମ୍ ଆବାସ       ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାର୍ ୨ ନମ୍ବର୍ ଖେପେ ରାଜ୍ୟର୍ ୬୧ ଟା ସହରାଂଚଲ୍ ନ ୫ ହଜାର୍ ୩ ଶହ ୪୩ ଟା ଘର୍ ତିଆର୍ ହେବା । ଇଥିର୍‌ଲାଗି ରାଜ୍ୟସ୍ତରୀୟ ମଞ୍ଜୁରୀ ଆଉ ତଦାରଖ୍ କମିଟି ବୈଠକ୍‌ଥି ଅନୁମୋଦନ୍ ମିଲିଛେ । ଇଥି ୬୧ ଟା ସହରେ ମୋଟ୍ ୬୫ ଟା ପ୍ରକଳ୍ପ ହେବାର୍‌କେ ଥିବାର୍ ବେଲେ ଇଥିର୍‌ଲାଗି ୩ ଶହ ୪୭ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା ହେବା । କେନ୍ଦ୍ର ସର୍‌କାର୍ ୮୦ କୋଟି ଶହେ ୪୫ ଲାଖ୍ ଟଙ୍କା ଦେବାର୍‌କେ ଥିବାର୍ ବେଲେ ରାଜ୍ୟ ସର୍‌କାର୍ ୫୩ କୋଟି ୪୩ ଲାଖ୍ ଟଙ୍କା ଦେବେ । ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ ଆର୍ଥିକ୍ ଦୃଷ୍ଟିନୁ ଦୁର୍ବଲ୍ ବର୍ଗଙ୍କୁ ଇ ଘର୍ ବଂଟାଯିବା ।

ସକ୍ଷମ୍ ଅଙ୍ଗନବାଡ଼ି       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଥିବା ଅଙ୍ଗନବାଡ଼ି ମାନ୍‌କର୍ ଭିତିଭୂମିକେ ବଦ୍‌ଲାଯିବା । ସବୁପ୍ରକାରର୍ ମୌଲିକ୍ ସୁବିଧା ସହେତେ ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍ ଜରିଏ ଛୁଆମାନ୍‌କୁ ପାଠ୍‌ପଢ଼ାବାର୍‌କେ ଯୋଜ୍‌ନା ପ୍ରସ୍ତୁତ୍ କରାଯାଉଛେ । “ସକ୍ଷମ୍  ଅଙ୍ଗନବାଡ଼ି” ଜରିଏ ସବୁ ଅଙ୍ଗନବାଡ଼ି ନ ଡିଜିଟାଲ୍ ଇଣ୍ଡିଆ ଲାଗୁ କରାଯାଇକରି ଫିʼ କେନ୍ଦ୍ର ନ ଟିଭି, ଇଂଟର୍‌ନେଟ୍ ଆଉ ୱାଇଫାଇ ବ୍ୟବସ୍ଥା କରାଯିବା । ଛୁଆମାନ୍‌କୁ ଭିଜୁଆଲ୍ ଜରିଏ ପାଠ୍‌ପଢ଼ାଯିବାର୍ ଉପ୍‌ରେ ଅଏତ୍‌କା ଜୋର୍ ଦିଆଯିବା ବଲି ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ସଚିବ ମୃଣାଳିନୀ ଦର୍ଶୱାଲ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ସେ ଆହୁରି କହିଛନ୍, ଫିʼ ହପ୍ତା ନ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କର୍ ସମୀକ୍ଷା କରାଯିବା ।

ଏସ୍‌ଆଇଆର        ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍‌ର ଗଲାକାଏଲ୍ ୯ ନମ୍ବର୍ ଦିନ୍ ସରିଛେ । ବେଲ୍‌ବୁଡ଼ାର୍ ୬ ବଜେତକ୍

ରାଏଜେ ୨ କୋଟି ନୁ ଅଏତ୍‌କା ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟାୟାଇଛେ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତରଫୁ ସୂଚ୍‌ନା ମିଲିଛେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଆଉ ସାହାଜ୍  ପାଏବାର୍ ଲାଗି ନିର୍ବାଚନ୍ ବିଭାଗ୍ ତରଫୁ ଜାରି କରାୟାଇଥିବା ମାହାଲିଆ ହେଲ୍ପଲାଇନ୍ ନମ୍ବର୍ ୧୯୫୦ ଥି ସାଧାରଣ୍ ଲୁକେ ଯୋଗାଯୋଗ୍ କରିପାର୍‌ବେ ।

ୟୁପିଏସ୍‌ଇ କୋଚିଂ ଏକ୍ସ

କେନ୍ଦ୍ରୀୟ ଲୋକ୍‌ସେବା ଆୟୋଗ୍- ୟୁପିଏସ୍‌ସି ପରିଚାଲିତ୍ ପ୍ରଶାସନିକ୍ ସେବା ପରୀକ୍ଷା ଲାଗି ରାଜ୍ୟର୍ ୨ ଶହ ଝନ୍ ଆଶାୟୀଙ୍କୁ ରାଜ୍ୟ ସର୍‌କାର୍‌ଙ୍କର୍ ତରଫୁ ମାହାଲିଆ କୋଚିଂ ୟୁଗେଇ ଦିଆୟିବା । ଇଥିର୍‌ଲାଗି ଆଏବା ୨୮ ତାରିଖ୍ ଗୁଟେ ପ୍ରବେଶିକା ପରୀକ୍ଷା ହେବା । ଇଚ୍ଛୁକ୍ ଆଶାୟୀମାନ୍‌କୁ ଆଏଜ୍‌ଠାନୁ ଆଏବା ୧୯ ତାରିଖ୍ ଭିତ୍‌ରେ ଉଚ୍ଚଶିକ୍ଷା ବିଭାଗ୍‌ର ସାମ୍ସ ପୋର୍ଟାଲ୍ ଜରିଏ ଆବେଦନ୍ କର୍‌ବାର୍‌କେ ହେବା । ପ୍ରବେଶିକା ପରୀକ୍ଷାଥି ପାସ୍ କରିଥିବା ୨ ଶହ ଝନ୍ ଯୋଗ୍ୟ ପ୍ରାର୍ଥୀଙ୍କୁ ରେସିଡେନ୍ସିଆଲ୍

କୋଚିଂ ସୁବିଧା ଦିଆଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ବଲାଙ୍ଗିର୍- ଆମ୍ ବଲାଙ୍ଗିର୍ ସମ୍ବାଦଦାତା

ରାଜ୍ୟ ସର୍କାର୍ ଚାଷ୍ ଆଉ ଚାଷୀମାନ୍‌କର୍ ଲାଗି ବହୁତ୍ ପଦକ୍ଷେପ୍ ନଉଛନ୍ । ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ୍‌ନୁ ଗଲାକାଏଲ୍ ଆମ୍ ଜର୍ମାନୀ ଆଉ ଇଟାଲୀକେ ରପ୍ତାନୀ କରାଯାଇଛେ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଇତାର୍ ଶୁଭାରମ୍ଭ କରିଛନ୍ ।

ଆଦର୍ଶ ପ୍ରାଥମିକ୍ ବିଦ୍ୟାଲୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ସୋନ୍‌ପୁର୍ ଆଉ ବିନ୍‌କା ବ୍ଲକ୍ ନ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ୍ ବିଦ୍ୟାଲୟର୍ ଭିତିପ୍ରସ୍ତର୍ ଥାପ୍‌ନା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ବୀର୍‌ମହାରାଜ୍‌ପୁର୍

ବିଧାୟକ୍ ରଘୁନାଥ୍ ଜଗ୍‌ଦଲା ଆଉ ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ବୌଦ୍ଧ ଜିଲ୍ଲାର୍ ୩ ଟା ଗାଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ୍ ବିଦ୍ୟାଳୟର୍ ଭିତିପ୍ରସ୍ତର୍ ଥାପ୍‌ନା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ଆଉ ସର୍‌କାରୀ ମୁଖ୍ୟ ସଚେତକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଇନ ଜନେଇ ଦିଆଯାଇପାରେ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଆଭାସୀ ଜରିଏ ରାଜ୍ୟର୍ ୨ ଶହ ୪ ଟା ଗୋଦାବରିଶ୍ ମିଶ୍ର ଆଦଶ୍ର ପ୍ରାଥମିକ ବିଦ୍ୟାଳୟର୍ ଏକାଥର୍‌କେ ଭିତିପ୍ରସ୍ତର୍ ଥାପ୍‌ନା କରିଥିଲେ ।

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍‌ନୁ ସମ୍ବଲ୍‌ପୁର୍ ସହରର୍ ଭିନ୍ ଭିନ୍ ଇଲାକାକେ ୨୨ ଟା ଆମ ବସ୍ ସେବା ମୁଲ୍ ହେଇଛେ । ରୁଟ୍ ନମ୍ବର୍ ୨ ଶହ ୧୧ ଏସି ବସ୍ ସେବା ଝାର୍‌ସୁଗୁଡ଼ା ନୁ ସମ୍ବଲ୍‌ପୁର୍ ଚଲାଚଲ୍ କର୍‌ବା । ଇ ଆମ ବସ୍ ସମ୍ବଲ୍‌ପୁରର୍ ଅଇଁଠାପାଲି ବସ୍

ଟର୍ମିନାଲ୍‌ନୁ ବାହାରିକରି ସମ୍ବଲ୍‌ପୁର୍ ଆଉ ଝାର୍‌ସୁଗୁଡ଼ାର୍ ଭିନ୍ ଭିନ୍ ଜାଗା ଦେଇକରି ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍‌ଦର୍ ନ ପୁହୁଁଚୁଛେ । ଯାତ୍ରୀମାନ୍‌କର୍ ଚାହିଦାକେ ନଜର୍‌ଥି ରଖିକରି ଫି' ଦିନ ସମ୍ବଲ୍‌ପୁର୍‌ନୁ ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ଆଉ ବିମାନ୍‌ବନ୍ଦର୍ ନୁ ସମ୍ବଲ୍‌ପୁର୍ ଭିତ୍‌ରେ ୨୨ ଟା ଟ୍ରିପ୍ ଚଲାଚଲ୍ କରୁଛେ । ସଖାଲର୍ ୬ ନୁ ରାତିର୍ ୯ ବାଜିକରି ୨୦ ମିନିଟ୍‌ତକ୍ ନିୟମିତ୍ ବ୍ୟବଧାନ୍‌ଥି ବସ୍ ସେବା ମିଲୁପାରୁଛେ ।

ବିଶ୍ୱ ମହାସାଗର୍ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ମହାସାଗର୍ ଦିବସ । ପୁର୍‌ଥିର୍ ୭୦ ପ୍ରତିଶତ୍‌ନୁ ଅଏତ୍‌କା ଇଲାକାଥି ମହାସାଗର୍ ଅଛେ । ମହାସାଗର୍ ଆମର୍ ଗ୍ରହର୍ ଲାଗି ୫୦ ପ୍ରତିଶତ୍ ଅମ୍ଳଜାନ୍ ତିଆର୍ କର୍‌ସି ଆର୍ ମହାସାଗର୍ ଜୈବ ବିବିଧତାର ଭିଲ୍ କୁଞ୍ଜିକାଠି ଆଏ । ପୁର୍‌ଥିର୍ ଶହେ କୋଟିନୁ ଅଏତ୍‌କା ଲୋକ୍ ଭିନ୍ ଭିନ୍ କ୍ଷେତ୍ରଥି ମହାସାଗର୍ ଉପ୍‌ରେ ନିର୍ଭର୍ କର୍‌ସନ୍ । ମହାସାଗର୍ ହେଉଛେ ଆମର୍ ଅର୍ଥନୀତିର୍ ମୁଲ୍ ଆଧାର୍ । ହେଲେ ଭିନ୍ ଭିନ୍ କାରଣ୍‌ନୁ

ମହାସାଗର୍ ମାନ୍କର୍ ନୁକ୍ସାନ୍ ହେଉଛେ । ସେଥିର୍ଲାଗି ମହାସାଗର୍ମାନ୍କର୍ ସାଙ୍ଗେ ମୁନୁଷ୍ ମାନ୍କର୍ ସନ୍ତୁଲନ୍ ବନାବାର୍କେ ବିଶ୍ୱ ମହାସାଗର୍ ଦିବସ୍ ପାଲନ୍ କରାଯାଉଛେ ।

ସର୍ବଭାରତୀୟ କବାଡ଼ି କପ୍ ଉଦ୍ଯାପିତ  ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଗଙ୍ଗାଧର୍ ମଣ୍ଡପ୍ ନ ଗଲା ୪ ତାରିଖ୍ନୁ ମୁଲ୍ ହେଇଥିବା ସର୍ବଭାରତୀୟ କବାଡ଼ି କପ୍ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ଇ ଜାତୀୟ କବାଡ଼ିର ପହେଲା ସଂସ୍କରଣ୍ଥି ଆର୍ସିସି ଭୋପାଲ୍ ଟିମ୍କେ ୪୭/୩୧ ପଏଂଟ୍ଥି ହରେଇକରି ଏସ୍.କେ.ଏମ୍.ଜି ଜବଲ୍ପୁର୍ ଦଲ୍ ଚମ୍ପିଆନ୍ ହେଇଛେ । ଉଦ୍ଯାପନୀ ସମାରୋହଥି ପଂଚାୟତିରାଜ୍ ଆଉ ପାନୀୟଜଲ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଜେତା ଆଉ ଉପବିଜେତା ଦଲ୍କେ ପୁରସ୍କୃତ୍ କରିଥିଲେ ।